ଶ୍ରୀ ମହାଦେଓ ପାଇକାଜୀ କୋଲେ

ୟବତମାଲ୍

1961
ଏପ୍ରିଲ 4

ବନାମ

ବମ୍ବେ ରାଜ୍ୟ

(ପି. ବି. ଗଜେନ୍ଦ୍ରଗଡକର, ଏ. କେ. ସରକାର,

କେ. ଏନ୍. ୱାଞ୍ଚୁ, କେ. ସି. ଦାସ ଗୁପ୍ତା ଏବଂ

ଏନ୍. ରାଜାଗୋପାଳ ଆୟାଙ୍ଗର, ନ୍ୟାୟାଧୀଶବୃନ୍ଦ)

*କୃଷି ଜମି- ପ୍ରଜାସ୍ୱତ୍ତ୍ୱ ସମ୍ବନ୍ଧିତ ଆଇନର ସଂଶୋଧନ-ଆଇନର ସାମ୍ବିଧାନିକ ବୈଧତା-ବମ୍ବେ ପ୍ରଜାସ୍ୱତ୍ତ୍ୱ ଏବଂ କୃଷି ଜମି (ବିଦର୍ଭ ଅଞ୍ଚଳ ଏବଂ କଚ୍ଛ ଅଞ୍ଚଳ) ଅଧିନିୟମ 1958 (ବମ୍ବେ 99/1958 )।*

ବମ୍ବେ ଜମି ଅଧିଗ୍ରହଣ ଏବଂ କୃଷି ଜମି (ବିଦର୍ଭ କ୍ଷେତ୍ର ଏବଂ କଚ୍ଛ କ୍ଷେତ୍ର) ଅଧିନିୟମ, 1958ର ସାମ୍ବିଧାନିକ ବୈଧତାକୁ ଆବେଦନକାରୀମାନେ ଆହ୍ୱାନ କରିଥିଲେ, ଯାହା ବମ୍ବେ ଜମି ଅଧିଗ୍ରହଣ ଏବଂ କୃଷି ଜମି (ସଂଶୋଧନ) ଅଧିନିୟମ, 1956 ର ବ୍ୟବସ୍ଥାକୁ ବିଦର୍ଭ ଏବଂ କଚ୍ଛକୁ ସମ୍ପ୍ରସାରିତ କରିଥିଲା । ଅଧିନୀୟମଟିକୁ ଏହି ନ୍ୟାୟାଳୟଙ୍କ ଦ୍ୱାରା ଶ୍ରୀ ରାମ ରାମ ନାରାୟଣ ମେଧୀ ବନାମ ବମ୍ବେ ରାଜ୍ୟ, [1959] Supp. 1 S.C.R. 489, ମାମଲାରେ ବୈଧ ଘୋଷଣା କରାଗଲା , ଏବଂ ଏପରି କରିବାର ଏକ କାରଣ ଥିଲା ଯେ ସେହି ଅଧିନିୟମ ଦ୍ୱାରା ଅନ୍ତର୍ଭୁକ୍ତ ଜମିଗୁଡ଼ିକ ବମ୍ବେ ଭୂମି ରାଜସ୍ୱ ସଂହିତା, 1879 ରେ ଥିବା 'ଭୂସମ୍ପତ୍ତି' ଶବ୍ଦର ପରିଭାଷା ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା । ବର୍ତ୍ତମାନର ଆବେଦନରେ ପ୍ରଶ୍ନ କରାଯାଇଥିବା ଜମି ଅମ୍ରୋତି ଏବଂ ୟେଓତମାଲରେ ଅବସ୍ଥିତ ଥିଲା ଏବଂ ସେହି ଅଞ୍ଚଳରେ, ମଧ୍ୟପ୍ରଦେଶ ଜମି ରାଜସ୍ୱ ସଂହିତା, 1954 ଆଇନଟି ଜମି ଅବଧି ସମ୍ବନ୍ଧୀୟ ଆଇନ ଭାବେ ବଳବତ୍ତର ଥିଲା । ଏହି ସଂହିତା 'ଭୂସମ୍ପତ୍ତି' ଶବ୍ଦକୁ ବ୍ୟବହାର କରିନଥିଲା ଏବଂ ଆବେଦନକାରୀଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଥିଲା ଯେ ବିବାଦୀୟ ଅଧିନିୟମଟି ସମ୍ବିଧାନର ଧାରା 31A ର ସୁରକ୍ଷା ମଧ୍ୟରେ ଆସୁନାହିଁ ।

ନିର୍ଣ୍ଣିତ କରିଥିଲେ ଯେ ଯୁକ୍ତିଟି ବିଫଳ ହେବା ଆବଶ୍ୟକ । ଯଦିଓ ମଧ୍ୟପ୍ରଦେଶ ଜମି ରାଜସ୍ୱ ସଂହିତା, 1954, "ଭୂସମ୍ପତ୍ତି" ଶବ୍ଦକୁ ବ୍ୟବହାର କରିନଥିଲା, ବିବାଦିତ ଅଧିନିୟମର ଧାରା 2 (17) ଏବଂ 2 (18) ଏବଂ ଧାରା 145 ଏବଂ 146 ସହିତ ପଠିତ ସଂହିତାର ଧାରା 2 (7), 2 (20) ରେ ଥିବା ପ୍ରାସଙ୍ଗିକ ପରିଭାଷା କୌଣସି ପ୍ରକାର ସନ୍ଦେହ ଜାତ କରିନଥାଏ ଯେ ଆବେଦନକାରୀଙ୍କ ଦଖଲରେ ଥିବା ଜମିଗୁଡ଼ିକ ସ୍ଥାବର ଜମି ଥିଲା ଏବଂ ସାରତଃ ଏକ ସମ୍ପତ୍ତି ଥିଲା । ଯେହେତୁ

ଆବେଦନକାରୀମାନେ ରାଜ୍ୟ ଅଧୀନରେ ଜମି ଧାରଣ କରିଥିଲେ ଏବଂ ସେଗୁଡିକ ପାଇଁ ଜମି ରାଜସ୍ୱ ପ୍ରଦାନ କରୁଥିଲେ ତେଣୁ ଜମିଟି, ସମ୍ବିଧାନର ଧାରା 31 A (2) (a) ଦ୍ୱାରା ପରିକଳ୍ପିତ 'ଭୂସମ୍ପତ୍ତି' ଶବ୍ଦର ସ୍ଥାନୀୟ ସମତୁଲ୍ୟ ଶବ୍ଦ ବର୍ଗ ମଧ୍ୟରେ ଆସୁଥିଲା ।

ମୂଳ ନ୍ୟାୟିକ ଅଧିକାରିତା : ଆଜ୍ଞାଦେଶ ଆବେଦନ ସଂଖ୍ୟା 93 ଏବଂ 125/1959 ।

ମୌଳିକ ଅଧିକାରର ପ୍ରବର୍ତ୍ତନ ପାଇଁ ଭାରତୀୟ ସମ୍ବିଧାନର ଧାରା 32 ଅନୁଯାୟୀ ଆବେଦନ ଗୁଡିକ ।

*ଆବେଦନକାରୀଙ୍କ ପକ୍ଷରୁ ଭି. ଏମ୍. ଲିମାୟେ, ଇ. ଉଦୟରତ୍ନମ୍ ଏବଂ ଏସ୍. ଏସ୍. ଶୁକ୍ଳା* ଆବେଦନ କରିଥିଲେ ।

*ଏଚ୍. ଏନ୍. ସାନ୍ୟାଲ୍, ଭାରତର ଅତିରିକ୍ତ ସଲିସିଟର୍-ଜେନେରାଲ୍, ଆର୍. ଗଣପତି ଆୟାର ଏବଂ ଡି. ଗୁପ୍ତା, ଉତ୍ତରଦାତାଙ୍କ ତରଫରୁ ।*

*ମଧ୍ୟକ୍ଷେପଙ୍କ ପାଇଁ ଡବ୍ଲ୍ୟୁ. ଏସ୍. ବାର୍ଲିଙ୍ଗେ ଏବଂ ଏ. ଜି.* ରତ୍ନପର୍ଖି ।

ଏପ୍ରିଲ, 4, 1961ରେ ନ୍ୟାୟାଳୟଙ୍କ ଦ୍ୱାରା ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ଗଜେନ୍ଦ୍ରଗଡ଼କରଙ୍କ ଦ୍ୱାରା- ଏହି ଦୁଇଟି ଆଜ୍ଞାଦେଶ ଆବେଦନ ସମ୍ବିଧାନର ଧାରା 32 ଅନୁଯାୟୀ ଦାୟର କରାଯାଇଛି ଏବଂ ସେମାନେ ବମ୍ବେ ଭଡାଟିଆ ଏବଂ କୃଷି ଜମି ଅଧିନିୟମ 99/1958(ଏହାପରେ ଏହାକୁ ଅଧିନିୟମ କୁହାଯାଏ) ର ବୈଧତାକୁ ଆହ୍ବାନ କରିବାକୁ ଚାହୁଁଛନ୍ତି । ଏହି ବିବାଦୀତ ଅଧିନିୟମଟି ବମ୍ବେ ଭଡାଟିଆ ଏବଂ କୃଷି ଜମି (ସଂଶୋଧନ) ଅଧିନିୟମ, ୧୯୫୬ ( ଆଇନ XIII/୧୯୫୬) ର ବ୍ୟବସ୍ଥା ଅନୁଯାୟୀ ବିଦର୍ଭ ଅଞ୍ଚଳ ଏବଂ କଚ୍ଛ ଅଞ୍ଚଳକୁ ବିସ୍ତାର କରିବାକୁ ଉଦ୍ଦିଷ୍ଟ, ଯାହା ସେତେବେଳେ ବୃହତ୍ତର ଦ୍ୱିଭାଷୀ ବମ୍ବେ ରାଜ୍ୟର ଏକ ଅଂଶ ହୋଇଯାଇଥିଲା । ବିବାଦୀୟ ଅଧିନିୟମର ମୁଖବନ୍ଧ ଦର୍ଶାଏ ଯେ ବମ୍ବେ ରାଜ୍ୟର ଦୁଇଟି ଅଞ୍ଚଳରେ କୃଷି ଜମି ଏବଂ ଆନୁସଙ୍ଗିକ ଉଦ୍ଦେଶ୍ୟରେ ବ୍ୟବହୃତ ସ୍ଥାନଗୁଡ଼ିକର ଭଡ଼ା ସମ୍ବନ୍ଧୀୟ ଆଇନର ସଂଶୋଧନ କରିବା ଏବଂ ସେହି ଜମି ସମ୍ବନ୍ଧରେ କେତେକ ଅନ୍ୟାନ୍ୟ ବ୍ୟବସ୍ଥା କରିବା ପାଇଁ ଉଦ୍ଦିଷ୍ଟ ଥିଲା । ବମ୍ବେ ଅଧିନିୟମ XIII /1956ରେ ର ବ୍ୟବସ୍ଥାଗୁଡ଼ିକୁ ଦୁଇଟି କ୍ଷେତ୍ରକୁ ବିସ୍ତାର କରି ବିଧାନମଣ୍ଡଳ, ପୂର୍ବରୁ ସୂଚିତ ଅଧିନିୟମର ସ୍ଥାପିତ ଢାଞ୍ଚାର ଅନୁରୂପରେ ପ୍ରତିପାଦିତ କରିଛନ୍ତି । ପୂର୍ବ ବମ୍ବେ ଅଧିନିୟମ ( XIII/1956)ର ବୈଧତାକୁ ଶ୍ରୀ ରାମ ରାମ ନାରାୟଣ ମେଧୀ ବନାମ ବମ୍ବେ ରାଜ୍ୟ (1) ମାମଲାରେ ଏହି ନ୍ୟାୟାଳୟରେ ଆହ୍ବାନ କରାଯାଇଥିଲା କିନ୍ତୁ ଆହ୍ବାନଟି ବିଫଳ ହୋଇଥିଲା ଏବଂ ଏହି ଅଧିନିୟମକୁ ସାମ୍ବିଧାନିକ ବୋଲି ନିର୍ଣ୍ଣିତ କରାଯାଇଥିଲା । ସେହି ମାମଲାରେ ନିର୍ଣ୍ଣୟ ପାଇଁ ନିଆଯାଇଥିବା ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ଏହା ଥିଲା ଯେ, ଏହି

ବିବାଦୀୟ ଅଧିନିୟମ ସମ୍ବିଧାନର ଧାରା 31A (2) (a) ଦ୍ୱାରା ସୁରକ୍ଷିତ ଥିଲା କି ନାହିଁ, ଏବଂ ସେହି ପ୍ରଶ୍ନର ଉତ୍ତର ଅନ୍ୟ ଏକ ପ୍ରସଙ୍ଗର ନିର୍ଣ୍ଣୟ ଉପରେ ନିର୍ଭର କରୁଥିଲା, ଯେଉଁଥିରେ କୁହାଯାଇଥିଲା ଯେ ଯେଉଁ ଜମି ଉପରେ ଉକ୍ତ ଅଧିନିୟମ ଲାଗୁ ହୋଇଥିଲା, ତାହା ଅନୁଛେଦ 31A (2) (a) ଆବଶ୍ୟକୀୟ ବ୍ୟବସ୍ଥା ଗୁଡିକ ଆଧାରରେ " ଭୂସମ୍ପତ୍ତି" ଥିଲା କି ନାହିଁ । ଏହି ମାମଲାର ବିଚାର କରି ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ, ବମ୍ବେ ଜମି ରାଜସ୍ୱ ସଂହିତା, 1879 ର ଧାରା 2 (5)ରେ କରାଯାଇଥିବା " ଭୂସମ୍ପତ୍ତି" ଶବ୍ଦର ବ୍ୟାଖ୍ୟାଟି ଅଧିନିୟମ ଦ୍ୱାରା ଅନ୍ତର୍ଭୁକ୍ତ ଜମି ଉପରେ ଲାଗୁ ହୋଇଥିଲା ଏବଂ ତେଣୁ ଅନୁଛେଦ 31A (2) (a) ଲାଗୁ ହୋଇଥିଲା । ଏହି ନିଷ୍ପତ୍ତି ସମ୍ପର୍କରେ ଶ୍ରୀ ଲିମାୟେଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନର ସମର୍ଥନରେ ଆମ ସମ୍ମୁଖରେ ଯେଉଁ ଏକମାତ୍ର ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରାଯାଇଥିଲା ତାହା ହେଉଛି ଯେ ଦୁଇ ଆବେଦନକାରୀଙ୍କ ଜମି ଅନୁଛେଦ 31A (2) (a) ର ଅର୍ଥ ଅନୁଯାୟୀ ଏକ "ଭୂସମ୍ପତ୍ତି" ନୁହେଁ, ତେଣୁ ବିବାଦିତ ଅଧିନିୟମଟି ଅନୁଛେଦ 31A (2) (a) ର ସୁରକ୍ଷା ବାହାରେ ଥିଲା । ଯଦି ଏହି ଯୁକ୍ତିକୁ ସମର୍ଥନ କରାଯାଏ ନାହିଁ, ତେବେ ଏହା ସ୍ପଷ୍ଟ ଯେ ଆଜ୍ଞାଦେଶ ଆବେଦନଗୁଡ଼ିକ ବିଫଳ ହେବା ଆବଶ୍ୟକ; ଯଦି ଉକ୍ତ ଯୁକ୍ତିକୁ ସମର୍ଥନ କରାଯାଏ, ତେବେ ନିଶ୍ଚିତ ଭାବରେ ଆଜ୍ଞାଦେଶ ଆବେଦନ ଦ୍ୱାରା, ଅଧିନିୟମର କିଛି ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ବୈଧତା ବିରୁଦ୍ଧରେ ନିଆଯାଇଥିବା ଅନ୍ୟାନ୍ୟ ଯୁକ୍ତିଗୁଡ଼ିକ ବିଚାରକୁ ନିଆଯାଇପାରେ ।

ଏହି ଦୁଇ ଆବେଦନକାରୀ ଯଥାକ୍ରମେ ନାମଦେଓରାଓ ବଲିରାମଜୀ ଏବଂ ମହାଦେଓ ପାଇକାଜୀ କୋଲ୍ହେ ଅଟନ୍ତି । ପ୍ରଥମଟି ଅମରାଓତିରେ ଏବଂ ଦ୍ୱିତୀୟଟି ୟେଓତମାଲରେ ବାସ କରନ୍ତି । ପ୍ରଥମ ଜଣକ ଅମ୍ରୋତିରେ ଅବସ୍ଥିତ ପ୍ରାୟ 80 ଏକର ଶୁଖିଲା ଜମିର ମାଲିକ ଅଟନ୍ତି, ଯେଉଁଥିରୁ 43 ଏକର ତାଙ୍କ ବ୍ୟକ୍ତିଗତ ଚାଷ ଅଧୀନରେ ଅଛି ଏବଂ ଅବଶିଷ୍ଟ ଭଡ଼ାଟିଆଙ୍କ ଦଖଲରେ ଅଛି । ଦ୍ୱିତୀୟ ଆବେଦନକାରୀ ୟୋଟମାଲରେ ଅବସ୍ଥିତ ପ୍ରାୟ 1168 ଏକର ଶୁଖିଲା ଜମିର ମାଲିକ ଅଟନ୍ତି, ଯେଉଁଥିରୁ 400 ଏକର ତାଙ୍କ ବ୍ୟକ୍ତିଗତ ଚାଷ ଅଧୀନରେ ଅଛି ଏବଂ ଅବଶିଷ୍ଟ ଭଡ଼ାଟିଆଙ୍କ ପାଖରେ ଅଛି । ଉଭୟ ମାମଲାରେ ଥିବା ଜମି ଉପରେ ରାଜସ୍ୱ ପ୍ରଦାନ କରାଯାଇଥାଏ । ଉଭୟ ଆବେଦନକାରୀଙ୍କ ମାମଲା ହେଉଛି ଯେ ସେମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ଜମି ଅନୁଛେଦ 31A(2) (a) ର ବ୍ୟାଖ୍ୟା ମଧ୍ୟରେ ଏକ " ଭୂସମ୍ପତ୍ତି" ନୁହେଁ ।

ଅନ୍ୟାନ୍ୟ ବିଷୟଗୁଡ଼ିକ ମଧ୍ୟରେ ଅନୁଛେଦ 31A (2) (a)ର ଏହି ଅଭିବ୍ୟକ୍ତି, ପ୍ରଦାନ କରେ ଯେ କୌଣସି ସ୍ଥାନୀୟ ଅଞ୍ଚଳ ସମ୍ବନ୍ଧରେ " ଭୂସମ୍ପତ୍ତି" ଅଭିବ୍ୟକ୍ତିର ସେହି ଅଞ୍ଚଳରେ ବଳବତ୍ତର ଥିବା ଜମି ଅବଧି ସମ୍ବନ୍ଧୀୟ ବିଦ୍ୟମାନ ଆଇନରେ ସେହି ଅଭିବ୍ୟକ୍ତି କିମ୍ବା ଏହାର ସ୍ଥାନୀୟ ସମତୁଲ୍ୟର ବ୍ୟାଖ୍ୟା ସହିତ ସମାନ ରହିବ । ମଧ୍ୟପ୍ରଦେଶ ଜମି ରାଜସ୍ୱ ସଂହିତା, 1954 (II/1955 )ଟି ବର୍ତ୍ତମାନ ମାମଲାରେ ସାଧାରଣ ଆଧାରରେ ବିଦ୍ୟମାନ ସ୍ଥାନୀୟ ଆଇନ ଅଟେ ଏବଂ ତେଣୁ ଆବେଦନକାରୀଙ୍କ ଜମି ଉକ୍ତ ସଂହିତାର ଅର୍ଥ ମଧ୍ୟରେ ଏକ " ଭୂସମ୍ପତ୍ତି" ବୋଲି କୁହାଯାଇପାରିବ କି ନାହିଁ ତାହା ନିର୍ଦ୍ଧାରଣ କରିବା ଆବଶ୍ୟକ ଅଟେ । ତେବେ, ଆମେ ଏପରି କରିବା ପୂର୍ବରୁ,

1961
ଶ୍ରୀ ମହାଦେଓ
ପାଇକାଜୀ କୋଲେ
ୟବତମାଲ୍
ବନାମ
ବମ୍ବେ ରାଜ୍ୟ
ନ୍ୟାୟାଧୀଶ
ଗଜେନ୍ଦ୍ରଗଡ଼କର

ବିବାଦୀୟ ଆଇନର ପ୍ରାସଙ୍ଗିକ ସଂଜ୍ଞାଗୁଡ଼ିକୁ ଉଲ୍ଲେଖ କରିବା ପ୍ରସଙ୍ଗୋଚିତ ହୋଇପାରେ । ଅନ୍ୟାନ୍ୟ ବିଷୟ ଗୁଡିକ ମଧ୍ୟରେ ଏହି ଅଧିନିୟମ 2 (17) ଅନୁଯାୟୀ ଜମିର ଅର୍ଥ ହେଉଛି, ଯେଉଁ ଜମି କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି କିମ୍ବା ବ୍ୟବହୃତ ହେବାକୁ ସକ୍ଷମ, ଏବଂ ସେଥିରେ ସେହି ଜମିର ନିକଟବର୍ତ୍ତୀ କୃଷି ଅଟ୍ଟାଳିକାର ସ୍ଥାନ ଅନ୍ତର୍ଭୁକ୍ତ ଥିବା ବିଷୟକୁ ସୂଚିତ କରେ । ଧାରା 2 (18) ଜଣେ ଜମି-ଧାରକଙ୍କୁ ଜଣେ କାର୍ଯ୍ୟକାଳ-ଧାରକ ଭାବେ ବ୍ୟାଖ୍ୟା କରିଛି, ଯାହାଙ୍କୁ ରାଜ୍ୟ ସରକାର ଜମିର ପରିମାଣ ଏବଂ ମୂଲ୍ୟ କିମ୍ବା ସେଥିରେ ଥିବା ତାଙ୍କର ସ୍ୱାର୍ଥ କାରଣରୁ ଏହି ଅଧିନିୟମ ଆଧାରରେ ଜଣେ ଜମି-ଧାରକ ଭାବେ ଘୋଷଣା କରିଛନ୍ତି । ବର୍ତ୍ତମାନ ପ୍ରଶ୍ନରେ ଥିବା ମଧ୍ୟପ୍ରଦେଶ ଭୂମି ରାଜସ୍ୱ ସଂହିତାର ଧାରା 2 (7) ଅନ୍ୟାନ୍ୟ ବିଷୟ ମଧ୍ୟରେ ଜମି ଧାରଣ ସ୍ଥିତିକୁ ଭୂମି ରାଜସ୍ୱ ପାଇଁ ପୃଥକ ଭାବରେ ମୂଲ୍ୟାୟନ କରାଯାଇଥିବା ଏକ ଜମିର ଅଂଶ ଭାବରେ ବ୍ୟାଖ୍ୟା କରେ । ଏବଂ ଧାରା 2 (20) ଜଣେ କାର୍ଯ୍ୟକାଳ-ଧାରକଙ୍କୁ ରାଜ୍ୟ ସରକାରଙ୍କ ଠାରୁ ଜମି ଧାରଣ କରିଥିବା ଭୂମିସ୍ୱାମୀ କିମ୍ବା ଭୂମିଦାରୀ ଭାବରେ ପରିଭାଷିତ କରେ । ସଂହିତାର ଦ୍ୱାଦଶ ଅଧ୍ୟାୟରେ କାର୍ଯ୍ୟକାଳ ଧାରକମାନଙ୍କ ବିଷୟରେ ଆଲୋଚନା କରାଯାଇଛି । ଧାରା 145 ରେ ବ୍ୟବସ୍ଥା ନିର୍ଣ୍ଣିତ କରେ ଯେ ରାଜ୍ୟରୁ ଅଧିକୃତ ଜମିର ଦୁଇ ଶ୍ରେଣୀର କାର୍ଯ୍ୟକାଳ-ଧାରକ ରହିବେ, ଯଥା, ଭୂମିସ୍ୱାମୀ ଏବଂ ଭୂମିଦାରୀ । ଧାରା 146 ଭୂମିସ୍ୱାମୀଙ୍କ ସହ ଜଡ଼ିତ । ଏଥିରେ ବ୍ୟବସ୍ଥା ରହିଛି ଯେ "ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ସଂହିତା କାର୍ଯ୍ୟକାରୀ ହେବା ସମୟରେ ଉକ୍ତ ଧାରାର ଖଣ୍ଡ (a) ରୁ (f) ରେ ନିର୍ଦ୍ଦିଷ୍ଟ କୌଣସି ଶ୍ରେଣୀର ଅନ୍ତର୍ଭୁକ୍ତ, ତାଙ୍କୁ ଭୂମିସ୍ୱାମୀ କୁହାଯିବ ଏବଂ ତାଙ୍କର ସମସ୍ତ ଅଧିକାର ରହିବ ଏବଂ ଏହା ସଂହିତା ଦ୍ୱାରା କିମ୍ବା ଅଧୀନରେ ଜଣେ ଭୂମିସ୍ୱାମୀଙ୍କୁ ପ୍ରଦାନ କରାଯାଇଥିବା କିମ୍ବା ଲାଗୁ କରାଯାଇଥିବା ସମସ୍ତ ଦାୟିତ୍ୱ ଅଧୀନରେ ରହିବେ । "ଏହି ଶ୍ରେଣୀଗୁଡ଼ିକ ମଧ୍ୟରେ ଖଣ୍ଡ(e) ରେ ଅନ୍ତର୍ଭୁକ୍ତ ଶ୍ରେଣୀଟି, ଯାହା ବେରାରରେ ଥିବା ଜମି ଗୁଡିକୁ ଧାରଣ କରିଥିବା ବ୍ୟକ୍ତି ବିଶେଷଙ୍କ ସହ ଜଡ଼ିତ । ତେଣୁ, ସଂହିତାର ଧାରା 14ରେ ବ୍ୟବସ୍ଥା ସହିତ ପ୍ରାସଙ୍ଗିକ ସଂଜ୍ଞାଗୁଡ଼ିକୁ ଅଧ୍ୟୟନ କରିବା ପରେ ଏହା ଜଣାପଡ଼ିବ ଯେ ଭୂମିସ୍ୱାମୀଙ୍କ ଦଖଲରେ ଥିବା ଜମି, ଯିଏ ଜଣେ କାର୍ଯ୍ୟକାଳ-ଧାରକ, ପ୍ରକୃତରେ ଏକ ସମ୍ପତ୍ତି ଅଟେ । ଏହା ସତ୍ୟ ଯେ " ଭୂସମ୍ପତ୍ତି" ଶବ୍ଦଟି ସଂହିତାରେ ବ୍ୟବହୃତ ହୋଇନାହିଁ, କିନ୍ତୁ ଏହା ଧ୍ୟାନରେ ରଖିବା ଆବଶ୍ୟକ ଯେ ଅନୁଛେଦ 31A (2) (a) କେବଳ ଭୂସମ୍ପତ୍ତି ନୁହେଁ ବରଂ ଏହାର ସ୍ଥାନୀୟ ସମତୁଲ୍ୟକୁ ମଧ୍ୟ ସୂଚିତ କରେ । ଏହା ଅନୁଭବ କରାଯାଇଥିଲା ଯେ ଅନେକ କ୍ଷେତ୍ରରେ ଜମି ଅବଧି ସମ୍ବନ୍ଧୀୟ ବିଦ୍ୟମାନ ଆଇନ ଏକ ଭୂସମ୍ପତ୍ତିକୁ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିନପାରେ ଯଦିଓ ଉକ୍ତ ଅଞ୍ଚଳରେ ସେମାନଙ୍କର ସ୍ଥାନୀୟ ସମତୁଲ୍ୟର ବର୍ଣ୍ଣନା ଏବଂ ବ୍ୟାଖ୍ୟା କରାଯାଇଥିଲା । ସେଥିପାଇଁ ସମ୍ବିଧାନର ପ୍ରାସଙ୍ଗିକ ବ୍ୟବସ୍ଥା ଗୁଡିକ ଜାଣିଶୁଣି ଉଭୟ " ଭୂସମ୍ପତ୍ତି" ଏବଂ ଏହାର "ସ୍ଥାନୀୟ ସମତୁଲ୍ୟ" ଶବ୍ଦ ବ୍ୟବହାର କରିଛି । "ଆବେଦନକାରୀମାନେ ରାଜ୍ୟ ଅଧୀନରେ ଜମି ଧାରଣ କରନ୍ତି ଏବଂ ଏହିପରି ସେମାନଙ୍କ ଦ୍ୱାରା ଧାରଣକରାଯାଇଥିବା ଜମି ପାଇଁ ସେମାନେ ଜମି ରାଜସ୍ୱ ପ୍ରଦାନ କରନ୍ତି । ତେଣୁ, ଏହା ଗ୍ରହଣ କରିବାରେ କୌଣସି ଅସୁବିଧା ହେବ ନାହିଁ ଯେ ଜମି ଅବଧି ସମ୍ବନ୍ଧୀୟ ବିଦ୍ୟମାନ ଆଇନ ଅନୁଯାୟୀ

1961
ଶ୍ରୀ ମହାଦେଓ
ପାଇକାଜୀ କୋଲେ
ୟବତମାଲ୍
ବନାମ
ବମ୍ବେ ରାଜ୍ୟ
ନ୍ୟାୟାଧୀଶ
ଗଜେନ୍ଦ୍ରଗଡ଼କର

ସେମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ଜମି ଗୁଡିକ ଅନୁଛେଦ 31A (2) (a) ଦ୍ୱାରା ପରିକଳ୍ପିତ "ଭୂସମ୍ପତି" ଶବ୍ଦର ସ୍ଥାନୀୟ ସମତୂଲ୍ୟ ବର୍ଗ ମଧ୍ୟରେ ଆସେ । ଯଦି ଏପରି ହୋଇଥାଏ, ତେବେ ଶ୍ରୀ ଲିମାୟେଙ୍କ ଦ୍ୱାରା ଉଠାଯାଇଥିବା ଯୁକ୍ତି, ଯେ ଏହି ବିବାଦୀୟ ଅଧିନିୟମଟି ଅନୁଛେଦ 31A ଦ୍ୱାରା ସୁରକ୍ଷିତ ନୁହେଁ ବିଷୟଟି, ସଫଳ ହୋଇପାରିବ ନାହିଁ । ଯେପରି ଆମେ ପୂର୍ବରୁ ସୂଚାଇ ଦେଇଛୁ, ଏହା ବିବାଦୀୟ ନୁହେଁ ଯେ ଯଦି ଅନୁଛେଦ 31A ଲାଗୁ ହୁଏ, ତେବେ ଉକ୍ତ ଆକ୍ଷେପିତ ବିଧାନର ବୈଧତାକୁ ଆଉ କୌଣସି ଆପତ୍ତି କରାଯାଇପାରିବ ନାହିଁ ।

ତଦନୁସାରେ ଆଜ୍ଞାଦେଶ ଆବେଦନଟି ବିଫଳ ହୁଏ ଏବଂ ଖର୍ଚ୍ଚ ସହିତ ଖାରଜ ହୁଏ, ଏକ କିତା ଶୁଣାଣି ଖର୍ଚ୍ଚ ସହିତ ।

ଆବେଦନକୁ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।